## ସଂକ୍ଷେପରେ

### ମେମୁ ଟ୍ରେନ୍ ଚଳାଚଳ ଦାବି

**ଢେଙ୍କାନାଳ ଅଫିସ, ୧୪।୪:** ଅନୁଗୋଳରୁ ଢେଙ୍କାନାଳ ଦେଇ କଟକ ପର୍ଯ୍ୟନ୍ତ ମେମୁ ଟ୍ରେନ୍ ଚଳାଚଳ ପାଇଁ ସଚେତନ ନାଗରିକ ଫୋରମ୍ ପକ୍ଷରୁ ଦାବି ହୋଇଛି। ଏ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। କୋଇଲା ପରିବହନରେ ଅବିଭକ୍ତ ଢେଙ୍କାନାଳ ଜିଲାରୁ ଭାରତ ସରକାର ସର୍ବାଧିକ ରାଜସ୍ୱ ପାଉଛନ୍ତି। ଦୀର୍ଘଦିନ ହେଲା ତାଳଚେରଠାରୁ କଟକ ଦେଇ ଏକମାତ୍ର ପାସେଞ୍ଜର ଟ୍ରେନ୍ ଯାତାୟାତ କରୁଛି। କଟକ ରାଜ୍ୟର ବ୍ୟବସାୟିକ ପେଣ୍ଠସ୍ଥଳୀ ପାଲଟିଛି। ଏଠାରେ ଏସ୍‌ସିବି ମେଡିକାଲ କଲେଜ, ହାଇକୋର୍ଟ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାନୁଷ୍ଠାନ ରହିଛି। ତେଣୁ ଢେଙ୍କାନାଳ ଏବଂ ଅନୁଗୋଳ ଜିଲାବାସୀ ସୁବିଧାରେ ଯାତାୟାତ କରିବା ଲାଗି ମେମୁ ଟ୍ରେନ୍ ଚଳାଚଳର ଆବଶ୍ୟକତା ରହିଛି। ଏ ଦିଗରେ କେନ୍ଦ୍ର ସରକାର ବିଚାର କରିବାକୁ ଫୋରମ୍‌ର କାର୍ଯ୍ୟକାରୀ ସଭାପତି ଆଇନଜୀବୀ ସୁରେନ୍ଦ୍ର ମିଶ୍ର, ସମ୍ପାଦକ ଭରତ ଦାସ, ପର୍ଶୁରାମ ମହାଭୋଇ, ଜି. ମନ୍ମଥ ରାଓ, ସୁଧାକର ଖିଲାର ପ୍ରମୁଖ ଦାବି କରିଛନ୍ତି। ଜିଲାବାସୀଙ୍କ ଦାବିକୁ କେନ୍ଦ୍ର ସରକାରଙ୍କ ନିକଟରେ ରଖିବାକୁ ଫୋରମ୍ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ନିବେଦନ କରାଯାଇଛି।

### କପିଳାସ ଲୋକାରଣ୍ୟ

**ଢେଙ୍କାନାଳ ଅଫିସ୍, ୧୪।୪:** ମହାବିଷୁବ ସଂକ୍ରାନ୍ତି ଏବଂ ହନୁମାନ ଜୟନ୍ତୀ ଉପଲକ୍ଷେ ଗୁରୁବାର ଢେଙ୍କାନାଳ ଜିଲାର ସମସ୍ତ ଦେବାଳୟ ଲୋକାରଣ୍ୟ ହୋଇଉଠିଥିଲା। ପ୍ରସିଦ୍ଧ ଶୈବକ୍ଷେତ୍ର କପିଳାସରେ ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖର ଏବଂ ମା' ପାର୍ବତୀଙ୍କ ଦର୍ଶନ କରିବା ଲାଗି ଦିନତମାମ ଲମ୍ବାଧାଡ଼ି ଲାଗିଥିଲା। ଏହାପରେ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଶ୍ରୀବଳରାମ ମନ୍ଦିର, ଯାଉଁଳିପୋଖରୀ ମଠ, ହନୁମାନ ମନ୍ଦିର, ମହାବୀର ବଜାର, ଦେଉଳସାହି, ବସ୍‌ଷ୍ଟାଣ୍ଡ୍ ଟ୍ରାଫିକ ଛକ ନିକଟ ହନୁମାନଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସାଙ୍ଗକୁ ଶ୍ରୀରାମଚରିତ ମାନସ, ହନୁମାନ ଚାଳିଶା ପାଠ କରାଯାଇଥିଲା। ଶ୍ରଦ୍ଧାଳୁମାନଙ୍କ ପାଇଁ ସବୁ ମନ୍ଦିରରେ ସ୍ୱତନ୍ତ୍ର ପଣା ପ୍ରସ୍ତୁତ କରାଯାଇଥିଲା।

### ବାବାସାହେବଙ୍କୁ ଶ୍ରଦ୍ଧାଞ୍ଜଳି

**ଢେଙ୍କାନାଳ ଅଫିସ, ୧୪।୪:** ଢେଙ୍କାନାଳର 'ଆମ ପ୍ରତିଭା ଆମ ସମ୍ମାନ' ପକ୍ଷରୁ ସମ୍ବିଧାନ ପ୍ରଣେତା ବି.ଆର୍. ଆମ୍ବେଡକର ଏବଂ ସମରକବି ବ୍ରଜନାଥ ବଡ଼ଜେନାଙ୍କ ଜୟନ୍ତୀ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବାବାସାହେବଙ୍କ ପ୍ରତିମୂର୍ତ୍ତି ଏବଂ ବି.ବି. ହାଇସ୍କୁଲ୍ ପ୍ରାଙ୍ଗଣରେ ଥିବା ବ୍ରଜନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅନୁଷ୍ଠାନର ସଭାପତି ପ୍ରିୟରଞ୍ଜନ ମାହୁନ୍ତ, କୋଷାଧକ୍ଷ ତଥା ପୂର୍ବତନ କାଉନ୍‌ସିଲର ରୁଦ୍ରାନ୍ତ ଦଲେଇ, ସଦାଶିବ ମହାପାତ୍ର, ଶ୍ୟାମସୁନ୍ଦର ସାହୁ, ଜିତେନ୍ଦ୍ର ପଟ୍ଟନାୟକ, ସରୋଜ କର, ଦୁଷ୍ମନ୍ତ ମହାନ୍ତି, ସୁମନ୍ତ ସ୍ୱାଇଁ, ରମେଶ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଦୁଇ ମହାପୁରୁଷଙ୍କ ରାଷ୍ଟ୍ରପ୍ରତି ଅବଦାନ ଏବଂ ଜୀବନାଦର୍ଶ ବିଷୟରେ ଆଲୋଚନା କରିଥିଲେ।

## 'ପ୍ରୟାସ ପ୍ରଶଂସନୀୟ'

- ୨ବର୍ଷ ପରେ ରାସୋଳ ମହୋତ୍ସବ
- ପାରମ୍ପରିକ ଦଣ୍ଡଯାତ୍ରାରୁ କାର୍ଯ୍ୟକ୍ରମ ଆରମ୍ଭ

**ରାସୋଳ, ୧୪।୪(ଡି.ଏନ୍.ଏ.)**


ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

କଳା, ସଂସ୍କୃତିର ମାଟି ହେଉଛି ଢେଙ୍କାନାଳ। ଲୋକକଳା, ଲୋକନୃତ୍ୟକୁ ବଞ୍ଚାଇ ରଖିବାରେ ଏହି ଜିଲାର କଳାକାରମାନେ ଅହରହ ଉଦ୍ୟମ କରି ଆସୁଛନ୍ତି। ପୁରାତନ ପରମ୍ପରାକୁ ବଞ୍ଚାଇବାରେ ଏଭଳି ପ୍ରୟାସ ପ୍ରଶଂସନୀୟ ବୋଲି ୧୭ତମ 'ରାସୋଳ ମହୋତ୍ସବ'ରେ ଯୋଗଦେଇଥିବା ଅତିଥିମାନେ କହିଛନ୍ତି। କୋଭିଡ୍ ମହାମାରୀ ପାଇଁ ୨ବର୍ଷ ଧରି ବନ୍ଦ ରହିବା ପରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ବିପୁଳ ଉତ୍ସାହ ପରିଲକ୍ଷିତ ହୋଇଛି। ପ୍ରଥମ ସନ୍ଧ୍ୟାରୁ କଳାକାରଙ୍କ ଚିତ୍ତାକର୍ଷକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦେଖିବାକୁ ପ୍ରବଳ ଜନସମାଗମ ହେଉଛି।

ରାସୋଳ ମହୋତ୍ସବ ସମିତି ଦ୍ୱାରା ସ୍ଥାନୀୟ ଖେଳପଡ଼ିଆରେ ୩ଦିନ ଧରି ଆୟୋଜିତ ହେଉଛି ଏହି ମହୋତ୍ସବ। ଏଥିଲାଗି ବ୍ୟାପକ ଆୟୋଜନ କରାଯାଇଛି। ୧୭ ତାରିଖରେ ଏହାର ଉଦ୍‌ଯାପନୀ ସମାରୋହ ରହିଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ବିଧାୟକ ସୁଧୀର ସାମଲ, ମୁଖ୍ୟବକ୍ତା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଉଦ୍‌ଘାଟକ ତଥା ବିଶିଷ୍ଟ ଅତିଥି ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ସମ୍ମାନିତ ଅତିଥି ଭାବେ ବିଜେଡି ରାଜ୍ୟ ପରିଷଦ ସଭ୍ୟା ନମିତା ନାୟକ ପ୍ରମୁଖ ମଞ୍ଚାସୀନ ରହି ଜିଲାର ଗଡ଼ଜାତ ଆନ୍ଦୋଳନ, କଳାସଂସ୍କୃତିର ସମୃଦ୍ଧ ପରମ୍ପରା ସମ୍ପର୍କରେ ମତ ରଖିଥିଲେ। ଏହି ଉପଲକ୍ଷେ ଅତିଥିମାନଙ୍କ ଦ୍ୱାରା ସ୍ମରଣିକା 'ଶ୍ୱେତପଦ୍ମ' ଉନ୍ମୋଚିତ ହୋଇଥିଲା।

ମହୋତ୍ସବ ଉପଲକ୍ଷେ ଗ୍ରାମର ମାନସିକଧାରୀ ଦଣ୍ଡୁଆମାନେ ଦକ୍ଷିଣକାଳୀ ମନ୍ଦିର ନିକଟରେ ଝାମୁ ନିଆଁରେ ଚାଲି ମା'ଙ୍କ ଆଶିଷ ଭିକ୍ଷା କରିଥିଲେ। ଠାକୁରାଣୀଙ୍କ ଚଳନ୍ତି ପ୍ରତିମାକୁ ଏକ ବିଶାଳ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯିବାପରେ ମହୋତ୍ସବ ମଞ୍ଚକୁ ଅଣାଯାଇଥିଲା। ସେଠାରେ ଦଣ୍ଡୁଆମାନେ ପାରମ୍ପରିକ ଦଣ୍ଡନୃତ୍ୟ ପରିବେଷଣ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ପାଇକ ଆଖଡ଼ା ଦେଖିବାକୁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା। ପରେ ପାଇକମାନେ ସ୍ଥାନୀୟ ଡାକବଙ୍ଗଳା ପରିସରରୁ ଅତିଥିମାନଙ୍କୁ ପାଛୋଟି ନେଇଥିଲେ। ଏହାପରେ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ମହୋତ୍ସବ କମିଟି ସଭାପତି ତଥା ପୂର୍ବତନ ବିଧାୟକ ମହେଶ୍ୱର ନାଏକ, ଭାସ୍କର ଚନ୍ଦ୍ର ନାୟକ, ପଠାଣି ନାୟକ, ରମେଶ ଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଥାନାଧିକାରୀ ବିଜୟ କୁମାର ହାଇବ୍ରୁଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ପୋଲିସ ଫୋର୍ସ ମୁତୟନ କରାଯାଇଛି।

## ଦର୍ଶକଙ୍କୁ ବାନ୍ଧିରଖିଲା ଗଦାଶିଳା ଡ୍ୟାନ୍ସଗ୍ରୁପ୍

ରାସୋଳ ମହୋତ୍ସବ ଉଦ୍‌ଘାଟନୀ ସନ୍ଧ୍ୟାରେ ପ୍ରମୁଖ ଆକର୍ଷଣ ସାଜିଥିଲେ ଗଦାଶିଳା ଡ୍ୟାନ୍ସଗ୍ରୁପ୍। ଏହି ନୃତ୍ୟାନୁଷ୍ଠାନର ୩୩ଜଣ କଳାକାର ଦଳଗତ ଓଡ଼ିଶୀନୃତ୍ୟ, ଆଧୁନିକ ଗୀତ, ଭଜନ ପରିବେଷଣ କରି ଶେଷ ଯାଏ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ଛୋଟ ଛୋଟ କଳାକାରଙ୍କ ନୃତ୍ୟ, ସଂଗୀତକୁ ଉପସ୍ଥିତ ଜନତା ମନଭରି ଉପଭୋଗ କରିଥିଲେ।

## ୩ଦିନିଆ ଗ୍ରାମୀଣ ମେଳା ଆରମ୍ଭ

ରାସୋଳ ମହୋତ୍ସବ ଉପଲକ୍ଷେ ଗୁରୁବାରଠାରୁ ଆରମ୍ଭ ହୋଇଛି ୩ଦିନିଆ ଗ୍ରାମୀଣ ମେଳା। ହିନ୍ଦୋଳ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୫୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଏଠାରେ ଦୋକାନ ଖୋଲିଛନ୍ତି। ୭୦ବର୍ଷ ପୁରୁଣା ଏହି ବିପଣନୀ ମେଳା ଘରକରଣା ସାମଗ୍ରୀ କିଣାବିକା ପାଇଁ ପ୍ରମୁଖ ମାଧ୍ୟମ ପାଲଟିଥିବାବେଳେ ସମୟକ୍ରମେ ଏଥିରେ ପରିବର୍ତ୍ତନ ହୋଇଛି। ଏବେ ଏଠାରେ ବିବାହ, ବ୍ରତ, ଜାନିଯାତ୍ରା, ମହୋତ୍ସବ ଲାଗି ଆବଶ୍ୟକ ଜିନିଷପତ୍ର ମଧ୍ୟ ମିଳୁଛି। ସେହିପରି ମନୋରଞ୍ଜନ ପାଇଁ ମିନାବଜାର ପଡ଼ିଛି। ମେଳା ଦେଖିବାକୁ ଆସୁଥିବା ଲୋକେ ସୁସ୍ୱାଦୁ ଚଟ୍‌ପଟି ଖାଦ୍ୟର ମଜାନେଉଛନ୍ତି।



ଗ୍ରାମୀଣ ମେଳାରେ ପଡ଼ିଥିବା ମିନାବଜାର।

## କେନ୍ଦ୍ରୀୟ ଯୋଜନାର ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ

**ଅନୁଗୋଳ ଅଫିସ୍/ପରଜଙ୍ଗ (ଡି.ଏନ୍.ଏ.), ୧୪।୪**

ଆକାଂକ୍ଷୀ ଜିଲାରେ ଚାଲିଥିବା କେନ୍ଦ୍ରୀୟ ଯୋଜନାର ସମୀକ୍ଷା ଲାଗି ଢେଙ୍କାନାଳ ଗସ୍ତରେ ଆସିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ପରଜଙ୍ଗ ବ୍ଲକ ପରିଦର୍ଶନ କରି ବିଭିନ୍ନ କେନ୍ଦ୍ରୀୟ ଜନକଲ୍ୟାଣ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଲୋକମାନଙ୍କ ନିକଟରେ କେନ୍ଦ୍ର ସରକାରଙ୍କ ଯୋଜନା ଠିକ୍ ଭାବେ ପହଞ୍ଚୁଛି କି ନାହିଁ, କେଉଁଠି ସମସ୍ୟା ରହୁଛି ସେ ସମ୍ପର୍କରେ ସେ ହିତାଧିକାରୀଙ୍କୁ ପଚାରି ବୁଝିଥିଲେ। କେନ୍ଦ୍ରମନ୍ତ୍ରୀ ସରାଙ୍ଗ ଦେଇ ପରଜଙ୍ଗ ବ୍ଲକର ଜହ୍ନାପଡ଼ାରେ ପହଞ୍ଚିଥିଲେ। ସେଠାରେ ଥିବା ଶହୀଦ ବୀରବେନୁଙ୍କ ସ୍ମୃତିପୀଠ ଏବଂ କନ୍ଦରସିଂହାଠାରେ ବାବାସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ପରଜଙ୍ଗ ବଜାରସ୍ଥିତ ସଂଗ୍ରାମୀ ମହେଶ୍ୱନ୍ଦ୍ର ସୁବାହୁସିଂଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶେଷରେ ପରଜଙ୍ଗରେ ଆୟୋଜିତ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ସାଙ୍ଗଠନିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅପରପକ୍ଷରେ ଅନୁଗୋଳ ଗାନ୍ଧୀନଗରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ–୧କୁ ଗସ୍ତ କରି ସ୍କୁଲ ପରିସର, ଶ୍ରେଣୀଗୃହ, ପାଠାଗାର ଦେଖିବା ସହ ସେଠାରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଧର୍ମେନ୍ଦ୍ର କଥା ହୋଇଥିଲେ।

## 'ଗଦ୍ୟ ସାହିତ୍ୟର ଆଦିସ୍ରଷ୍ଟା ବ୍ରଜନାଥ'


ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୧୪।୪**

କବି ବ୍ରଜନାଥ ବଡ଼ଜେନା ଗଦ୍ୟ ସାହିତ୍ୟର ଆଦି ସ୍ରଷ୍ଟା। ତାଙ୍କ ଦ୍ୱାରା ରଚିତ ଗଳ୍ପ 'ଚତୁର ବିନୋଦ' ବାଣୀଭଣ୍ଡାରକୁ ସମୃଦ୍ଧ କରିଛି। ପ୍ରଥମ ସମର କାବ୍ୟ 'ସମର ତରଙ୍ଗ' ଲେଖି ସେ ନିଜର ସୃଜନଶୀଳତାର ପରିଚୟ ଦେଇଛନ୍ତି। ବିଚକ୍ଷଣା, ବିଦେଶ ଅନୁଚିନ୍ତା, ଗୋପୀ ବିଳାସ, ଅମ୍ବିକା ବିଳାସ, ରାଜସଭା ଜଣାଣ ଭଳି କାବ୍ୟ କବିତା ମାଧ୍ୟମରେ ସାହିତ୍ୟପ୍ରତି ଥିବା ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ୬ଟି ଭାଷାରେ ପାଣ୍ଡିତ୍ୟ ହାସଲ କରିଥିବା ସମରକବି ଅବିସ୍ମରଣୀୟ ପ୍ରବାଦପୁରୁଷ ଭାବେ ସବୁବେଳେ ମନେପଡ଼ିବେ ବୋଲି ସ୍ଥାନୀୟ ଲେଖକ ସଂସଦ ଭବନରେ ଗୁରୁବାର ଆୟୋଜିତ ବ୍ରଜନାଥଙ୍କ ଜୟନ୍ତୀ ସମାରୋହରେ ମତ ପ୍ରକାଶ ପାଇଛି।

ଅନୁଷ୍ଠାନର ଉପସଭାପତି ସାରଙ୍ଗଧର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରଥମ ଅଧିବେଶନରେ ୬୦ ଜଣ କବିଙ୍କୁ ନେଇ ମନୋଜ୍ଞ କବିତା ଆସର ଅନୁଷ୍ଠିତ ହୋଇଥିଲା। ଅଞ୍ଜନା ମିଶ୍ର ଓ ଉପମା ସାମଲ ଏହାର ସଂଯୋଜନା କରିଥିଲେ। ଭିକାରୀ ଚରଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ପ୍ରଶାସନିକ ଅଧିକାରୀ ଡ. ଧରଣୀଧର ନାଥ ମୁଖ୍ୟ ଅତିଥି, ଅଧ୍ୟାପକ ଡ. ବିରଞ୍ଚି ସାମଲ ମୁଖ୍ୟବକ୍ତା, ସାରଙ୍ଗଧର ମିଶ୍ର ଉପସ୍ଥିତ ରହି କବିଙ୍କ କୃତିତ୍ୱ, ଜୀବନୀ ବିଷୟରେ ଆଲୋଚନା କରିଥିଲେ। ସମ୍ପାଦକ ବସନ୍ତ ପଟ୍ଟନାୟକ ସ୍ୱାଗତ ଭାଷଣ, ପରିଚାଳନା ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦୀପ୍ତିମୟୀ ଲେଙ୍କାଙ୍କ ସଂଯୋଜନାରେ ଲକ୍ଷ୍ମୀଧର ନାୟକ ଏବଂ ସାଥୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।

## ଓଡ଼ିଆ ନବବର୍ଷ ପାଳିତ


ଅତିଥିମାନେ ପ୍ରତିଭାଙ୍କୁ ସମ୍ମାନିତ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୧୪।୪**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଶନିମଣ୍ଡପରେ ସାଗର ସାହିତ୍ୟ ସଂସଦ ପକ୍ଷରୁ ଗୁରୁବାର ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ସଭାପତି ଶ୍ରୀବତ୍ସ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସଦର ଉପଦେଷ୍ଟା ରଘୁନାଥ ସିଂ ଓଡ଼ିଆ ନବବର୍ଷର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ରାଜକିଶୋର ରାଉତ, ସମ୍ମାନିତ ଅତିଥି ସରପଞ୍ଚ ଲଳିତା ସାହୁ, ଗ୍ରାମ ବିକାଶ ପରିଷଦ ସମ୍ପାଦକ ଶେଷଦେବ ସାହୁ, ବୁଦ୍ଧିଜୀବୀ ଇନ୍ଦ୍ରମଣି ପୃଷ୍ଟି, କୈଳାସ ପୃଷ୍ଟି, କୁଳମଣି ନାୟକ, ଦାମୋଦର ନାୟକ, ସତ୍ୟାନନ୍ଦ ଗାଆଣ, ଅକ୍ଷୟ ରାଜହଂସ, ହାଡ଼ିବନ୍ଧୁ ସାହୁ, ରମେଶ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଇନ୍ଦୁପ୍ରଭା ପତ୍ରିକାର ୩ୟ ସଂଖ୍ୟା ଏବଂ ମଧୁବିକାଶର ୨ୟ ସଂଖ୍ୟା ଉନ୍ମୋଚିତ ହୋଇଥିଲା। କବି ଦୟାନିଧି ସାହୁ ଏବଂ ରବିନାରାୟଣ ନାୟକଙ୍କୁ 'ମଧୁବିକାଶ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସହ ସମ୍ପାଦକ କାମାକ୍ଷା ପ୍ରସାଦ ବେହେରା, ଉପସଭାପତି ହେମନ୍ତ ନାୟକ, ସମ୍ପାଦକ ତ୍ରିଲୋଚନ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସୁନ୍ଦରାକାଣ୍ଡ ପାଠ

**କାମାକ୍ଷାନଗର, ୧୪।୪(ଡି.ଏନ୍.ଏ.)**

କାମାକ୍ଷାନଗରସ୍ଥିତ ସଙ୍କଟମୋଚନ ମନ୍ଦିରରେ ଦୁଇଦିନ ଧରି ଆୟୋଜିତ ହୋଇଯାଇଛି ହନୁମାନଙ୍କ ଜୟନ୍ତୀ ସମାରୋହ ଏବଂ ସୁନ୍ଦରାକାଣ୍ଡ ପାଠ। ବୁଧବାର ସକାଳୁ କଳସଯାତ୍ରା, ଘଟସ୍ଥାପନ, ଅଗ୍ନି ଆବାହନ ପରେ ହନୁମାନ ଚାଳିଶା ପଠନ କରାଯାଇଥିଲା। ଗୁରୁବାର ସକାଳେ ଶ୍ରୀରାମଙ୍କ ପୂଜାର୍ଚ୍ଚନା ପରେ ମହାବୀରଙ୍କୁ ୧୦୮ ଗରା ସୁବାସିତ ଜଳରେ ଅଭିଷେକ କରାଯାଇ ଜନ୍ମୋତ୍ସବ ନୀତି ସମ୍ପନ୍ନ ହୋଇଥିଲା। ବାବାଜୀ କରୁଣା ନିଧାନ ଦାସଜୀ ମହାରାଜ ବ୍ୟାସ ଭାବେ ଉପସ୍ଥିତ ଥିବାବେଳେ ନରେଶ ମହାରଣା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ହନୁମାନ ସାଧକ ସୁଜିତ ସାଗର ପଣ୍ଡା, ଦୀପ୍ତିରଞ୍ଜନ ପଣ୍ଡା, ବିଜନ ପଣ୍ଡା, ବିଷ୍ଣୁଚରଣ ଭାରତୀ, ପ୍ରବୀଣ ଭାରତୀ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ମାଗଣା ମହାନ୍ତି, ଶ୍ରୀକାନ୍ତ ସାହୁ, ଜିତେନ୍ଦ୍ର ରାଉଳ, ପ୍ରତାପ ସାହୁ ପ୍ରମୁଖ ସମସ୍ତ କମିଟି ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହନୁମାନ ଜୟନ୍ତୀରେ ବାଇକ୍ ଶୋଭାଯାତ୍ରା

**ଭୁବନ, ୧୪।୪(ଡି.ଏନ୍.ଏ.)**

ଭୁବନ ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଗୁରୁବାର ହିନ୍ଦୁ ନବବର୍ଷ ଏବଂ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ସରୋଜ ପୃଷ୍ଟିଙ୍କ ତତ୍ତ୍ୱାବଧାନ ଏବଂ ପ୍ରଶାନ୍ତ ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ବାଇକ୍ ଶୋଭାଯାତ୍ରାରେ ଶତାଧିକ ଯୁବକ ଏକାଠି ହୋଇ ସହର ପରିକ୍ରମା କରିଥିଲେ। ଏହି ରାଲି ଅଷ୍ଟଶମ୍ଭୁ ମନ୍ଦିର, ଶ୍ରୀରାମ ମନ୍ଦିର, ହନୁମାନ ମନ୍ଦିର, ବୁଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ଦେଇ ପରିକ୍ରମା କରିଥିଲା।

ପ୍ରଦୀପ ବିଦ୍ଧାଣିଙ୍କ ସଭାପତିତ୍ୱରେ ଦିଗାମ୍ବରପୁର ହନୁମାନଜୀଉ ମନ୍ଦିରରେ ବୌଦ୍ଧିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଧୀରେନ୍ଦ୍ର ପୃଷ୍ଟି, ମଳୟ ତ୍ରିପାଠୀ ଅତିଥି ଭାବେ ଯୋଗଦେଇଥିଲେ। ଅମିତ୍ ମିଶ୍ର, ରମେଶ ପୃଷ୍ଟି, ଶିବଦତ୍ତ ବିଶ୍ୱକର୍ମା, ପୁରୁଷୋତ୍ତମ ବେହେରା, ରାଜେନ୍ଦ୍ର ସାହୁ, ଲକ୍ଷଣ ନାୟକ, କେଦାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୁଦ୍ଧେଶ୍ୱର ପୀଠରେ ସାମୂହିକ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା।



ବାଇକ୍ ରାଲିରେ ବଜରଙ୍ଗ ଦଳ ଏବଂ ବିଶ୍ୱହିନ୍ଦୁ ପରିଷଦର କର୍ମକର୍ତ୍ତାମାନେ।

## ଦୋକାନ ଜଳିଗଲା

**କାମାକ୍ଷାନଗର, ୧୪।୪(ଡି.ଏନ୍.ଏ.)**

କାମାକ୍ଷାନଗର ଏନ୍‌ଏସି ଅଧୀନ ହନୁମାନବଜାରରେ ଗୁରୁବାର ଅଗ୍ନିକାଣ୍ଡ ଘଟି ଯଦୁ ମହାକୁଡଙ୍କ ଦୋକାନ ଘର ଛାରଖାର ହୋଇଯାଇଛି। କେଉଁ କାରଣରୁ ଏହି ଅଘଟଣ ଘଟିଲା, ତାହା ସ୍ପଷ୍ଟ ହୋଇନାହିଁ। ତେବେ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ସୂଚନା ପାଇ ନଗରପାଳ ଧର୍ମାନନ୍ଦ ପରିଡ଼ା ପହଞ୍ଚି ବିପନ୍ନ ପରିବାରକୁ ସମବେଦନା ଜଣାଇଛନ୍ତି। ସରକାରୀ ନିୟମ ଅନୁଯାୟୀ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## ସୁସ୍ୱାଦୁ ପଣାର ମଜାନେଲେ ପଥଚାରୀ


ଖେମ୍‌କା ପରିବାର ପକ୍ଷରୁ ପଣା ବଣ୍ଟନ କରାଯାଉଛି।

**କାମାକ୍ଷାନଗର, ୧୪।୪(ଡି.ଏନ୍.ଏ.)**

ପବିତ୍ର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଢେଙ୍କାନାଳ ଜିଲା କାମାକ୍ଷାନଗରର ବିଭିନ୍ନ ମଠମନ୍ଦିରରେ ସ୍ୱତନ୍ତ୍ର ପଣାର ବ୍ୟବସ୍ଥା କରାଯାଇଥିଲା। ସ୍ଥାନୀୟ ଖେମ୍‌କା ପରିବାର ପକ୍ଷରୁ ମେନ୍‌ରୋଡ୍ ବଜାରରେ ଷ୍ଟଲ୍ ଖୋଲାଯାଇ ୨୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପଣା ବଣ୍ଟନ କରାଯାଇଥିଲା। ପଥଚାରୀ, ସ୍ଥାନୀୟ ଅଞ୍ଚଳବାସୀ ସୁସ୍ୱାଦୁ ପଣାର ମଜା ନେଇଥିଲେ। ସ୍ୱାତୀ ଖେମ୍‌କା, ପୁନମ୍ ଖେମ୍‌କା, ମନୀଷା ଖେମ୍‌କା, କାଜଲ ଖେମ୍‌କା, ସୋନମ ଖେମ୍‌କା, ଦୀପକ ଖେମ୍‌କା, ଡା.ପ୍ରଦୀପ ଚୌଧୁରୀ, ସୁମନ୍ତ ଜେନା, ସୁଜିତ ବାରିକ ପ୍ରମୁଖ ସହଯୋଗ କରିଥିଲେ। ସେହିପରି କାମାକ୍ଷାନଗର ମଡ଼ିସାହିସ୍ଥିତ ମା' ବୁଢ଼ୀ ଠାକୁରାଣୀଙ୍କ ପୀଠ, ତାରିଣୀ ମନ୍ଦିର, ମାଳପୁରା ରାମମନ୍ଦିର, ଅନନ୍ତପୁର ରାମମନ୍ଦିର ଆଦି ସ୍ଥାନରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସାଙ୍ଗକୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

## 'ସମ୍ବିଧାନ ପଥପ୍ରଦର୍ଶକ ସାଜିଛି'

**ଢେଙ୍କାନାଳ ଅଫିସ, ୧୪।୪**

ଢେଙ୍କାନାଳ ସଦରରେ ଗୁରୁବାର ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ବି.ଆର୍. ଆମ୍ବେଡକର ଏବଂ ସମରକବି ବ୍ରଜନାଥ ବଡ଼ଜେନାଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ପ୍ରତିମୂର୍ତ୍ତିରେ ଏମ୍‌ପି ମହେଶ ସାହୁ, ଜିଲାପାଳ ସରୋଜ କୁମାର ସେଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଜିଲାପାଳ କହିଲେ, ଶିକ୍ଷା, ଅର୍ଥନୈତିକ ବିକାଶ, ମହିଳାଙ୍କ ଉତ୍ଥାନ ନିମନ୍ତେ ବାବାସାହେବଙ୍କ ଅବଦାନ ପ୍ରଣିଧାନଯୋଗ୍ୟ। ବହୁ ବାଧାବିଘ୍ନ ସତ୍ତ୍ୱେ ସେ ଦେଶ ପାଇଁ ବିଶ୍ୱର ବୃହତ୍ତମ ସମ୍ବିଧାନ ପ୍ରଣୟନ କରିପାରିଥିଲେ। ଶ୍ରେଷ୍ଠ ଗଣତାନ୍ତ୍ରିକ ଦେଶ ଗଢ଼ି ତୋଳିବାରେ ଏହା ପଥପ୍ରଦର୍ଶକ ସାଜିଛି ବୋଲି ଜିଲାପାଳ କହିଥିଲେ। ପିଡି ଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ସିଡିଏମ୍‌ଓ ଡା. ଅଶୋକ ଦାସ, ଯୋଜନା ଓ ସମନ୍ୱୟ ବିଭାଗ ଉପନିର୍ଦ୍ଦେଶକ ସରୋଜ କୁମାର ସେଠୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାରଦା, ଆମ୍ବେଡକର ମେମୋରିଆଲ ସୋସାଇଟି ସଭାପତି କୈଳାସ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆମ୍ବେଡକର ମେମୋରିଆଲ ସୋସାଇଟି ପକ୍ଷରୁ ସ୍ଥାନୀୟ ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲାପାଳ, ପିଡି ଡିଆରଡିଏ, ସିଡିଏମ୍‌ଓ, ଉତ୍କଳ ସମ୍ମିଳନୀ ସଭାପତି ବସନ୍ତ ତ୍ରିପାଠୀ ପ୍ରମୁଖ ଯୋଗଦେଇ ବାବାସାହେବଙ୍କ ଜୀବନାଦର୍ଶର ସ୍ମୃତିଚାରଣ କରିଥିଲେ। ଜିଲା ପରିଷଦ ସଭ୍ୟା ମମତାଞ୍ଜଳି ବେହେରା ଧନ୍ୟବାଦ ଦେଇଥିଲେ।



ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷରେ କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## କଳାପରିଷଦ ପ୍ରତିଷ୍ଠା ଦିବସ

**ଢେଙ୍କାନାଳ ଅଫିସ, ୧୪।୪**

ଢେଙ୍କାନାଳର ନାଟ୍ୟାନୁଷ୍ଠାନ 'କଳାପରିଷଦ'ର ୪୩ତମ ପ୍ରତିଷ୍ଠା ଉତ୍ସବ ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠାନର ସଭାପତି ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣାଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସମସ୍ତ ସଭ୍ୟ ଯୋଗଦେଇ ଦୀର୍ଘ ୪୨ବର୍ଷର ସ୍ୱର୍ଣ୍ଣିମ ଯାତ୍ରାର ସ୍ମୃତି ରୋମନ୍ଥନ କରିଥିଲେ। ଏହି ଉପଲକ୍ଷେ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମ୍ପାଦକ ଜୟନ୍ତ ବର୍ମା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶତ୍ରୁଘ୍ନ ମାଟି, ଇନ୍ଦ୍ରମଣି ବେହେରା, ମନ୍ମଥ ପଟ୍ଟନାୟକ, ବିନୋଦ ମହାନ୍ତି, ଶଶି ପାଣି, ସୁରେଶ ମିଶ୍ର, ଅଶୋକ ଦାସ, କିଶୋର ରାଉତ, ଦ୍ୱିତୀକୃଷ୍ଣ ମଲ୍ଲିକ, ମହମ୍ମଦ ନସୀମ୍, ମନୋରଞ୍ଜନ ସିଂ, ପୃଥ୍ୱୀଦିପ୍ତ ଭୂଷଣ, ପୂର୍ଣ୍ଣଚନ୍ଦ୍ର ଦେବତା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।


କାର୍ଯ୍ୟକ୍ରମରେ ଅନୁଷ୍ଠାନର କାର୍ଯ୍ୟକର୍ତ୍ତାମାନେ।

## ସଂକ୍ଷେପରେ

### ବୃଦ୍ଧଙ୍କ ମୃତଦେହ ଜବତ, ହତ୍ୟା ଅଭିଯୋଗ

**ବଇଣ୍ଡା,୧୪।୪(ଡି.ଏନ.ଏ.):** କିଶୋରନଗର ଥାନା ଅଙ୍ଗପଡା ଗ୍ରାମର ବାନାମ୍ବର ପ୍ରଧାନ (୮୫)ଙ୍କ ମୃତଦେହ ଗୁରୁବାର ତାଙ୍କ ଘରୁ ପୋଲିସ ଜବତ କରିଛି। ପୁଅ ସୁଶାନ୍ତ ପ୍ରଧାନ ତାଙ୍କୁ ହତ୍ୟା କରିଥିବା ବାନାମ୍ବରଙ୍କ ଝିଅ ତପସ୍ୱିନୀ ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୫୪/୨୨ରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଛି। ଆଇଆଇସି ଆନନ୍ଦ କୁମାର ଡୁଙ୍ଗଡୁଙ୍ଗ କହିଛନ୍ତି, ବାନାମ୍ବର ବୁଧବାର ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅଧିକ ଚିକିତ୍ସା ପାଇଁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ମୃତଦେହ ଘରକୁ ଆଣିବା ପରେ ସଂସ୍କାର ପାଇଁ ତପସ୍ୱିନୀ ଛାଡିବାକୁ ଦେଇ ନ ଥିଲେ। ଏପରି କି ବାନାମ୍ବରଙ୍କୁ ଭାଇ ସୁଶାନ୍ତ ହତ୍ୟା କରିଥିବା ସେ ଅଭିଯୋଗ କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ଆଇଆଇସି ପ୍ରକାଶ କରିଛନ୍ତି।

### ଘରପୋଡ଼ି ଘଟଣାରେ ଜଣେ ଗିରଫ

**କଣିହାଁ,୧୪।୪(ଡି.ଏନ.ଏ.):** କଣିହାଁ ବ୍ଲକ ସମଲ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଘରପୋଡି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଜିତେନ୍ଦ୍ର ସାମଲଙ୍କୁ ସମଲ ପୋଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ସମଲ ଗ୍ରାମର ଜିତେନ୍ଦ୍ର ସାମଲ ଓ ତାଙ୍କ ମାଉସୀ ସୌରୀ ସାମଲଙ୍କ ପରିବାର ମଧରେ ବୁଧବାର କୌଣସି କାରଣରୁ ଝଗଡା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଜିତେନ୍ଦ୍ର ବିଳମ୍ବିତ ରାତିରେ ସୌରୀଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ଏ ନେଇ ସମଲ ଥାନାରେ ବାଉରୀ ସାମଲଙ୍କ ଅଭିଯୋଗ କ୍ରମେ ନମ୍ବର ୧୦୯/୨୨ରେ ମାମଲା ରୁଜୁ ହେବା ପରେ ପୋଲିସ ଜିତେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଆମ୍ବେଡକରଙ୍କ ଆଦର୍ଶରେ ଅନୁପ୍ରାଣିତ ଆହ୍ୱାନ

**ଅନୁଗୋଳ ଅଫିସ,୧୪।୪:** ଭାରତୀୟ ସମ୍ବିଧାନ ପ୍ରଣେତା ବାବା ସାହେବ ଡ. ଭୀମରାଓ ରାମଜୀ ଆମ୍ବେଡକରଙ୍କ ଜିଲାସ୍ତରୀୟ ଜୟନ୍ତୀ ସମାରୋହ ବଅଁରପାଳ ସେବାଶ୍ରମଠାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ପାତ୍ର ଯୋଗଦେଇ ଆମ୍ବେଡକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ବାବା ସାହେବଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୁଃଖବନ୍ଧୁ ମାଝି ଉତ୍ସବ ପାଳନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧରେ ସେବାଶ୍ରମ ସହକାରୀ ଶିକ୍ଷକ ଲଳିତ ମୋହନ ମହାନ୍ତି, ନରୋତ୍ତମ ସାମଲ, ନମିତା ସାହୁ, ପ୍ରତିମା ପ୍ରଧାନଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ୨ ବଖରା ଜଳିଗଲା

**ଅନୁଗୋଳ ଅଫିସ,୧୪।୪:** ବଅଁରପାଳ ବ୍ଲକ ବୁଢାପଙ୍କ ପଞ୍ଚାୟତ ତେନ୍ତୁଳିହତା ଗାଁରେ ନିଆଁ ଲାଗି ଗୌତମ ନାଏକଙ୍କ ୨ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଗୌତମଙ୍କ ପରିବାର ଶ୍ୱଶୁର ଘରକୁ ଯାଇଥିବା ବେଳେ ମଧାହ୍ନରେ ତାଙ୍କ ଘରୁ ଧୂଆଁ ବାହାରୁଥିବା ପଡ଼ୋଶୀ ଦେଖିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଏ ନେଇ ଖବର ପାଇବା ପରେ ବଅଁରପାଳ ଅଗ୍ନିଶମ ବିଭାଗ କର୍ମଚାରୀମାନେ ତୁରନ୍ତ ପହଞ୍ଚି ନିଆଁ ଲିଭାଇଥିଲେ। ଗୌତମଙ୍କ ସମସ୍ତ ଆସବାବପତ୍ର ଜଳିଯାଇଥିବାରୁ ତୁରନ୍ତ ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ଆଜିଠାରୁ ହିଙ୍ଗୁଳା ଯାତ୍ରା

**ତାଳଚେର,୧୪।୪(ନି.ପ୍ର.)**

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା’ ହିଙ୍ଗୁଳାଙ୍କ ନବଦିନାତ୍ମକ ପ୍ରସିଦ୍ଧ ବାର୍ଷିକ ଯାତ୍ରା ୧୫ ତାରିଖ ଶୁକ୍ରବାରଠାରୁ ଆରମ୍ଭ ହେବ। ମହାମାରୀ କରୋନା ଯୋଗୁ ଗତ ୨ ବର୍ଷ ହେଲା ମା’ଙ୍କ ବାର୍ଷିକ ଯାତ୍ରା କେବଳ ରୀତିନୀତି ମଧରେ ସୀମିତ ରହିଥିଲା। ହେଲେ ଚଳିତ ବର୍ଷ ପ୍ରଶାସନ ପକ୍ଷରୁ ଯାତ୍ରା ଓ ଶ୍ରଦ୍ଧାଳୁଙ୍କ ଉପସ୍ଥିତିକୁ ସବୁଜ ସଙ୍କେତ ଦିଆଯାଇଥିବାରୁ ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି।

### ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ସମ୍ଭାବନା

୨୩ ତାରିଖ ପର୍ଯ୍ୟନ୍ତ ଧୁମ୍‌ଧାମରେ ହେବାକୁ ଯାଉଥିବା ମା’ ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ଓ ଲୋକ ମହୋତ୍ସବ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଶେଷ କରାଯାଇଛି। ମନ୍ଦିର ଓ ଉଭାସ୍ଥଳୀ ଚତୁଃପାର୍ଶ୍ୱ ସହ ବିଭିନ୍ନ ଛକରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସୁରକ୍ଷା ବ୍ୟବସ୍ଥା ଦାୟିତ୍ୱରେ ୨ ଅତିରିକ୍ତ ଏସ୍‌ପି, ୩ ଡେପୁଟି ଏସ୍‌ପି, ୨ ଇନ୍ସପେକ୍ଟର, ୨୩ ସବ୍ ଇନ୍ସପେକ୍ଟର, ୧୪ ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର, ୮ ହେଡ୍ କନଷ୍ଟେବଲ, ୮୭ କନଷ୍ଟେବଲ, ୪ ଟ୍ରାଫିକ କନଷ୍ଟେବଲ ଓ ୧୯ ସେକ୍ସନ ଫୋର୍ସ ରହିଛନ୍ତି। ୧୮ତମ ଲୋକ ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଶୁକ୍ରବାର ସନ୍ଧ୍ୟା ୬ଟା ୩୦ରେ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟ ଅତିଥିଭାବେ କେନ୍ଦ୍ର ଶିକ୍ଷା ଓ କୌଶଳ ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ତାଳଚେର ରାଜା ରାଜେନ୍ଦ୍ର ଚନ୍ଦ୍ର ଦେବ ବୀରବର ହରିଚନ୍ଦନ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ରାଜ୍ୟ ବାହାର କଳାକାର ଓ ସ୍ଥାନୀୟ କଳାକାରଙ୍କ ଦ୍ୱାରା ବିଭିନ୍ନ ଲୋକନୃତ୍ୟ, ଅନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସେହିପରି ଉଠା ଦୋକାନ ପାଇଁ ୩ ଶହ ଷ୍ଟଲ ଟ୍ରଷ୍ଟ ବୋର୍ଡ ପକ୍ଷରୁ ନିର୍ମାଣ କରାଯାଇଛି। ମନ୍ଦିର ପରିସରରେ ଥିବା ହାଇମାଷ୍ଟ ଲାଇଟ ଗୁଡିକର ମରାମତି କାର୍ଯ୍ୟ ସହ ଉଭାସ୍ଥଳୀକୁ ଏମ୍‌ସିଏଲ୍ ପକ୍ଷରୁ ଆଲୋକୀକରଣ କରାଯାଇଛି। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟ ଜଳ, ସର୍ବତ, ଆଖୁରସ, ଆଇସକ୍ରିମ, ତରଭୁଜ, ପଣା ଆଦି ବିତରଣ ବ୍ୟବସ୍ଥା ହୋଇଛି। ଉଭାସ୍ଥଳୀ ପାଖରେ ଏକ ବିଶ୍ରାମସ୍ଥଳୀ ନିର୍ମାଣ କରାଯାଇଛି। ଭିଡ଼ ଉପରେ ନଜର ରଖିବା ପାଇଁ ମନ୍ଦିର ଚତୁଃପାର୍ଶ୍ୱ ଓ ଉଭାସ୍ଥଳୀ ନିକଟରେ ସିସିଟିଭି କ୍ୟାମେରା ଲଗାଯାଇଛି। ମା’ଙ୍କ ଏହି ଯାତ୍ରା କିପରି ଶୃଙ୍ଖଳାର ସହ ସମାପନ ହେବ ସେଥିପାଇଁ ମା’ ହିଙ୍ଗୁଳା ଟ୍ରଷ୍ଟ ବୋର୍ଡ ମ୍ୟାନେଜିଂ ଟ୍ରଷ୍ଟି ତଥା ଉପଜିଲାପାଳ ବିଶ୍ୱରଞ୍ଜନ ରଥ ବିଭିନ୍ନ ପର୍ଯ୍ୟାୟରେ ଟ୍ରଷ୍ଟ ବୋର୍ଡ ସଦସ୍ୟ, ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଓ ଏମ୍‌ସିଏଲ୍ ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି। ଆସନ୍ତା ୨୩ ତାରିଖରେ ମା’ଅଗ୍ନିରୂପାଙ୍କ ଶୀତୁଳା ପର୍ବ ସହ ସନ୍ଧ୍ୟାରେ ଲୋକ ମହୋତ୍ସବ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି।


ମା’ ହିଙ୍ଗୁଳାଙ୍କ ଉଭାସ୍ଥଳୀ ଚାରିପଟେ ବ୍ୟାରିକେଡ୍ କରାଯାଇଛି।

# ଦଳିତଙ୍କ ଉନ୍ନତି ନିମନ୍ତେ ପରାମର୍ଶ

**ଛେଣ୍ଡିପଦା,୧୪।୪(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ କୋଶଳାଠାରେ ବାବା ସାହେବ ଡ. ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅତିଥି ଭାବେ ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, କୋଶଳା ସରପଞ୍ଚ ଉଦିତ କୁମାର ପ୍ରଧାନ, ଆମ୍ବେଡକର ସଂଘ କର୍ମକର୍ତ୍ତା ଗୋବିନ୍ଦ ନାଏକ, ଗୌରରଞ୍ଜନ ନାଏକ, ଗୋବର୍ଦ୍ଧନ ଗୋଛାୟତ ପ୍ରମୁଖ ଯୋଗ ଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଗୋବର୍ଦ୍ଧନ ନାୟକ ଉପସ୍ଥିତ ଥିଲେ। ସେହିପରି ଆମ୍ବେଡକର ଫାଉଣ୍ଡେଶନ ଛେଣ୍ଡିପଦା ଶାଖା ପକ୍ଷରୁ ଆମ୍ବେଡକର ଜୟନ୍ତୀ ପାଳିତ ହୋଇଯାଇଛି। ସଭାପତି ରାହାସ ବିହାରୀ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡ. ଯୁଧିଷ୍ଠିର ବେହେରା ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଦଳିତମାନଙ୍କ ଉନ୍ନତି ପାଇଁ କାମ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ଫାଉଣ୍ଡେଶନ ସଦସ୍ୟ ଉଦୟନାଥ ବେହେରା, ସନ୍ଥ ନାଏକ, ବଟକୃଷ୍ଣ ବେହେରା, ସୁଦର୍ଶନ ନାଏକ ଉପସ୍ଥିତ ଥିଲେ।


ଅତିଥିମାନେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

# ବାବା ସାହେବଙ୍କୁ ଶ୍ରଦ୍ଧାଞ୍ଜଳି

**ତାଳଚେର,୧୪।୪(ଡି.ଏନ.ଏ.)**

ତାଳଚେର ବ୍ଲକ ବିକ୍ରମପୁରସ୍ଥିତ ମୀନାବଜାରଠାରେ ତାଳଚେର ଫର୍ଟିଲାଇଜର ଲିମିଟେଡ୍ ପକ୍ଷରୁ ବାବା ସାହେବ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶା ପରୀ ସଂଘ ରାଜ୍ୟ ସଭାପତି ସୁଧୀର ଖଣ୍ଡା, ଏମ୍‌ସିଏଲ୍ ସିଷ୍ଟାର ସଭାପତି ଅମରଚାନ୍ଦ ନାଏକ, ସାଧାରଣ ସମ୍ପାଦକ ବ୍ରହ୍ମା ନାଏକ ଯୋଗଦେଇ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିରେ ଫର୍ଟିଲାଇଜର ପ୍ଲାଣ୍ଟ ମହାପ୍ରବନ୍ଧକ ସତ୍ୟବ୍ରତ ମିଶ୍ର, ମୁଖ୍ୟ ପ୍ରବନ୍ଧକ ସୁମନ୍ତ ପ୍ରଧାନ ଏବଂ ସିଆଇଏସ୍‌ଏଫ୍ ଆସିଷ୍ଟାଣ୍ଟ କମାଣ୍ଡୋ କିଶୋର କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଗୋଳ ଏସ୍.ସି/ଏସ୍.ଟି. ମହିଳା ସଂଘର ସାଧାରଣ ସମ୍ପାଦିକା ଗୀତା ନାଏକ, ଯୁଗ୍ମ ସମ୍ପାଦିକା ଉର୍ବଶୀ ନାଏକ, ପରୀସଂଘ ରାଜ୍ୟ ସମ୍ପାଦିକା କବିତା ନାଏକ ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ସିଆଇଏସ୍‌ଏଫ୍ ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ତାଳଚେର ଫର୍ଟିଲାଇଜର ପକ୍ଷରୁ ଆମ୍ବେଡକର ଜୟନ୍ତୀ ପାଳନ କରାଯାଉଛି।

# ଡଙ୍ଗା ହଜିବାକୁ ନେଇ ଗଣ୍ଡଗୋଳ, ଜଣେ ଗିରଫ

**ପବିତ୍ରନଗର,୧୪।୪(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଗ୍ରାମରେ ଡଙ୍ଗା ହଜିବା ଘଟଣାକୁ ନେଇ ଗଣ୍ଡଗୋଳ ହୋଇଛି। ଏ ନେଇ ସଞ୍ଜୟ ସାମଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ବିପ୍ର ସାମଲଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଘଟଣାରୁ ପ୍ରକାଶ, ସଞ୍ଜୟ ସାମଲଙ୍କ ଡଙ୍ଗା ହଜିଯାଇଥିବାରୁ ତାଙ୍କ ସହିତ ସାଙ୍ଗ ହୋଇ ମାଛ ମାରୁଥିବା ବିପ୍ରଙ୍କୁ ସେ ଡଙ୍ଗା ସମ୍ପର୍କରେ ପଚାରି ଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ବିପ୍ର ପାଟିତୁଣ୍ଡ କରିବା ସହିତ ଏକ କାଠ ବେଣ୍ଟ ସହାୟତାରେ ସଞ୍ଜୟଙ୍କ ମୁଣ୍ଡକୁ ପିଟି ଫଟାଇ ଦେଇଥିଲେ। ଏ ନେଇ ସଞ୍ଜୟଙ୍କ ଅଭିଯୋଗ କ୍ରମେ ସମଲ ନମ୍ବର ୧୦୭/୨୨ରେ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ ବିପ୍ରଙ୍କୁ ଗିରଫ କରିଛି।

# ସଚେତନ କଲେ ଅଗ୍ନିଶମ କର୍ମଚାରୀ



ସଚେତନତା କାର୍ଯ୍ୟକ୍ରମରେ ଭାଗ ନେଇଥିବା ଅନୁଗୋଳ ଅଗ୍ନିଶମ କର୍ମଚାରୀମାନେ। ଶୋଭାଯାତ୍ରା ପୂର୍ବରୁ ଛେଣ୍ଡିପଦା ଅଗ୍ନିଶମ କର୍ମଚାରୀମାନେ।

**ଅନୁଗୋଳ ଅଫିସ/ ଛେଣ୍ଡିପଦା,୧୪।୪**

ଅଗ୍ନିଶମ ସୁରକ୍ଷା ସପ୍ତାହ ଅବସରରେ ଅନୁଗୋଳ ସହରର ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା ଓ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲା ମୁଖ୍ୟ ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ଧଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫୁଲରେ ସଜ୍ଜିତ ଅଗ୍ନିଶମ ଗାଡ଼ି ସହର ପରିକ୍ରମା କରି ଲୋକଙ୍କୁ ନିଆଁ ଲିଭାଇବା ନେଇ ସଚେତନ କରିଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ହାତରେ କାର୍ଡ ବୋର୍ଡ ଧରି ଲୋକଙ୍କୁ ନିଆଁ ଲିଭାଇବାର କୌଶଳ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଷ୍ଟେଶନ ଅଫିସର ମନୋରଞ୍ଜନ ବିଶ୍ୱାଳଙ୍କ ସହ ଆଗ୍ନିକ ରଶ୍ମିକାନ୍ତ ବରାଳ, ରଞ୍ଜିତ ରାଉତ, ରଶ୍ମିରଞ୍ଜନ ଲେଙ୍କା, ରବୀନ୍ଦ୍ର ବେହେରା, ଆଶୁତୋଷ ମଲ୍ଲିକ, କିଶନ ମିଶ୍ର, ସୂର୍ଯ୍ୟମଣି ରଣା, ସୁକାନ୍ତ ନାଥ, ପ୍ରତାପ ସାହୁ, ପ୍ରକାଶ ନାୟକଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଲୋକଙ୍କୁ ସଚେତନ କରିଥିଲେ। ସେହିପରି ଛେଣ୍ଡିପଦା ଅଗ୍ନିଶମ କେନ୍ଦ୍ର ପକ୍ଷରୁ ମୁଖ୍ୟ ଆଗ୍ନିକ ଭାବଗ୍ରାହୀ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରଥମେ ଶହୀଦ୍‌ଙ୍କ ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସଚେତନତା ରାଲି ବଜାର ଓ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଗାଡି ଚାଳକ ଅଖିଳ କୁମାର ସାମଲ, ବଳଭଦ୍ର ଦେହୁରୀ, ଦଶରଥ ଦାଶ, ତୋଫାନ ଭୋଇ, ବିଜୟ ନାୟକ, ରୂପକ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ୨ ପ୍ରକଳ୍ପ ଉଦ୍‌ଘାଟନ କଲେ ତାଳଚେର ବିଧାୟକ

**ଖମାର,୧୪।୪(ଡି.ଏନ.ଏ.)**

ପାଲଲହଡ଼ା ବ୍ଲକ ଖମାରଠାରେ ନିର୍ମିତ ଅଷ୍ଟପ୍ରହରୀ କୋଠଘର ଓ ସଂସ୍କୃତି ଭବନ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ହେଲେ ଫଳକରେ ନାମ ଥିବା ସତ୍ତ୍ୱେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଳ ଅନୁପସ୍ଥିତ ରହିବା ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ପଣା ସଂକ୍ରାନ୍ତି ଅବସରରେ ଓଡ଼ଶରେ ଚାଲୁଥିବା ଅଷ୍ଟପ୍ରହରୀ ନାମଯଜ୍ଞରେ ତାଳଚେର ବିଧାୟକ ପ୍ରଧାନ ଯୋଗଦେଇଥିଲେ। ଏହାପରେ ବିଧାୟକ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ ଅଷ୍ଟପ୍ରହରୀ କୋଠ ଘର ଓ ଖମାର ପାତଲା କଲୋନୀଠାରେ ୧୦ ଲକ୍ଷ ଟଙ୍କାରେ ନିର୍ମାଣ ହୋଇଥିବା ସଂସ୍କୃତି ଭବନକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ମୁକେଶ କୁମାର ପାଳ ଯୋଗ ଦେଇ ନ ଥିଲେ। ଫଳକରେ ତାଙ୍କ ନାମ ରହିଥିଲେ ମଧ କେଉଁ କାରଣରୁ ବିଧାୟକ ଆସିଲେ ନାହିଁ ତାହା ବିଜେଡି କର୍ମୀମାନଙ୍କ ମଧରେ ଆଲୋଚନାର ବିଷୟ ହୋଇଛି। ଅନ୍ୟମାନଙ୍କ ମଧରେ ଜିଲା ବିଜେଡି ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳ, ପୂର୍ବତନ ଜିଲା ପରିଷଦ ସଦସ୍ୟ ସରୋଜ ସାହୁ, ସରପଞ୍ଚ ଚକାଡୋଲା ନାଏକ, ପ୍ରଶ୍ନ କୁମାର ସାହୁ, ଅବନୀ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବିଧାୟକ ପାଳଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇ ନ ଥିବାରୁ ମତାମତ ମିଳିପାରି ନାହିଁ।

### ପାଲଲହଡ଼ା ବିଧାୟକଙ୍କ ଅନୁପସ୍ଥିତି ନେଇ ଚର୍ଚ୍ଚା


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ତାଳଚେର ବିଧାୟକଙ୍କ ସମେତ ଅନ୍ୟମାନେ।

**ଫଟୋରେ ଖବର**


ଝାମୁଯାତ୍ରା ଉପଲକ୍ଷେ ଆଠମଲ୍ଲିକ ବ୍ଲକ କମ୍ପଳା ପଞ୍ଚାୟତ ଡୁଡୁମ ଗ୍ରାମରେ ଶ୍ରଦ୍ଧାଳୁମାନେ ନିଆଁରେ ଚାଲିବା ପାଇଁ ପ୍ରସ୍ତୁତ ହେଉଛନ୍ତି।

# ଧୁମ୍‌ଧାମରେ ସରିଲା ମେରୁ ଯାତ୍ରା


ଶୋଭାଯାତ୍ରାରେ ସାମିଲ ହୋଇଥିବା ମାନସିକଧାରୀମାନେ।

**ବଇଣ୍ଡା,୧୪।୪(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଡହୁଲା, ଗାଁ ବଇଣ୍ଡା, କଣ୍ଡାଳ, ପାପସରା, ଜାମୁଝରି, ଅଙ୍ଗପଡା, ତୁରୁଡା, ନତଡା, ସଞ୍ଜାମୁରା, ଧଉରପାଳ, ତୁରୁଡା, ହିମିତିରା, ବାଟିମୁଣ୍ଡା ଓ ଆଠମଲ୍ଲିକ ବ୍ଲକର ଗୁଣ୍ଡୁରୀ, ପାଇକସାହି, କଳାପାଟନାଳି, ଲିପିଲୋଇ ଆଦି ସ୍ଥାନରେ ଗୁରୁବାର ମେରୁ ଯାତ୍ରା ପାଳିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ପରମ୍ପରା ଅନୁଯାୟୀ ବିଭିନ୍ନ ଗ୍ରାମରେ ଦଣ୍ଡଯାତ୍ରା ଅନୁଷ୍ଠିତ ହୋଇଥାଏ। କେତେକ ଗ୍ରାମରେ ୧୪ ରୁ ୨୧ ଦିନ ଧରି ଏହି ଯାତ୍ରାରେ ମାନସିକଧାରୀମାନେ ସାମିଲ ହୋଇଥାନ୍ତି। ମନ୍ଦିର ନିକଟରେ ଦଣ୍ଡଯାତ୍ରା ଅନୁଷ୍ଠିତ ହେବା ପରେ ଅପରାହ୍ନରେ ସ୍ଥାନୀୟ ପୋଖରୀରେ ବାଲୁକା ପୂଜା କରାଯାଇଥିଲା। ମା’ ଦକ୍ଷିଣ କାଳୀ ଓ ଗ୍ରାମଦେବୀଙ୍କୁ ଶୋଭାଯାତ୍ରା ମାଧ୍ୟମରେ ଅଣାଯିବା ପରେ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଜଣେ ମାନସିକଧାରୀଙ୍କଠାରେ ମା’ ଆବିର୍ଭୂତା ହୋଇଥିଲେ। ମନସ୍କାମନା ପୂରଣ ପାଇଁ ଅଧିଆ ପଡିଥିବା ଭକ୍ତମାନଙ୍କୁ ଉଠାଇଥିଲେ। କରୋନା କଟକଣା ହଟିବାର ୨ ବର୍ଷ ପରେ ବାଜା ବାଣରେ ଏହି ଶୋଭାଯାତ୍ରା କରାଯାଇଥିଲା। ବହୁ ଭକ୍ତଙ୍କ ସମାଗମ ହୋଇଥିବାବେଳେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ପୂଜକ ସର୍ବେଶ୍ୱର ମହାପାତ୍ର, ଭୀମସେନ ପ୍ରଧାନ, ଭୀଷ୍ମ ଦେହୁରୀ, ଅନିଲ ପ୍ରଧାନ, ବିରଞ୍ଚି ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ସହଯୋଗ କରିଥିଲେ।

# ମୂଲ୍ୟବୋଧଯୁକ୍ତ ସାହିତ୍ୟ ସଂସ୍କାର ଆଣେ

**ଅନୁଗୋଳ ଅଫିସ,୧୪।୪**

ଅନ୍ତରଙ୍ଗତାର ସହ ଅନୁଭୂତିକୁ ବାଣ୍ଟିବା ହିଁ ସାହିତ୍ୟ। ମୂଲ୍ୟବୋଧଯୁକ୍ତ ସାହିତ୍ୟକୃତି ସମାଜ ସଂସ୍କାରରେ ସହାୟକ ହୁଏ। ଅନୁଗୋଳ ଜିଲା ସାହିତ୍ୟ ସଂସଦର ସାମ୍ବତ୍ସରିକ ବିଷୁବ ମିଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଫେସର ହରେକୃଷ୍ଣ ଶତପଥୀ ଏହା ପ୍ରକାଶ କରିଛନ୍ତି। ସଂସଦ ସଭାପତି କୁମୁଦ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟବକ୍ତା ଭାବେ ଡ. ଜୟନ୍ତ କୁମାର ବିଶ୍ୱାଳ ଯୋଗଦେଇ ଜୀବନକୁ ଅର୍ଥପୂର୍ଣ୍ଣ ଓ ଅମୋଦଦାୟକ କରିବା ସମ୍ପର୍କରେ ମତ ଦେଇଥିଲେ। ରୋଟାରି ପବ୍ଲିକ ସ୍କୁଲର ଚେୟାରମ୍ୟାନ ନିଖିଳ ରଞ୍ଜନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ସଂସଦ ଉପସଭାପତି ପ୍ରଫେସର ଶାନ୍ତନୁ କୁମାର ସର ପ୍ରାରମ୍ଭିକ ସୂଚନା ଦେଇଥିଲେ। ସମ୍ପାଦକ ରାଧାକାନ୍ତ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ବରିଷ୍ଠ ଶିକ୍ଷକ ଲକ୍ଷ୍ମଣ କୁମାର ସାହୁ ସଂଯୋଜନା କରିଥିଲେ। ଅନ୍ୟତମ ଉପସଭାପତି ଯଦୁମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଂସଦର ମୁଖପତ୍ର ‘ପାଦଚିହ୍ନ’ ଉନ୍ମୋଚନ କରାଯାଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ସଂଗ୍ରାମ ପୃଷ୍ଟି ପୁସ୍ତକ ଉନ୍ମୋଚନ କାର୍ଯ୍ୟରେ ସହଯୋଗ କରିଥିଲେ।

ଏହି ଅବସରରେ ଡ. ଚୈତନ୍ୟ ସାହୁଙ୍କୁ ସୋମନାଥ ସିଂହ ଜଗଦ୍ଦେବ ସମ୍ମାନ, ଡ. ନିବେଦିତା ମହାନ୍ତିଙ୍କୁ କବି ରାଧାମୋହନ ଗଡ଼ନାୟକ ସମ୍ମାନ ଓ ସୁଧାକର ସାହୁଙ୍କୁ ପବିତ୍ରମୋହନ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ସାରସ୍ୱତ ପ୍ରତିଭା ସମ୍ମାନ ଡ. କୁଳମଣି ନାୟକ, ଡ. ସଦାନନ୍ଦ ପରିଡ଼ା, ମିନତି ସାହୁ, ବୁଦ୍ଧଦେବ ସେଠୀ, ଅନନ୍ତ ଚରଣ ନାୟକଙ୍କୁ ପ୍ରଦାନ କରାଯାଇଥିଲା। ପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି କୁଳମଣି ମେହେର ଓ ଅନିତା ପାଣିଙ୍କ ସଂଯୋଜନାରେ କବି ଇନ୍ଦିରା ଦାଶ, ପ୍ରେମଲତା ସାହୁ, ଅରୁଣ କୁମାର ସାହୁ, ନିହାରିକା ସାହୁ, ଅକ୍ଷୟ କୁମାର ବେହେରା, ହାଡ଼ିବନ୍ଧୁ ମିଶ୍ର, ପ୍ରଫେସର କୁଳମଣି ନାୟକ, ଡାକ୍ତର ବନମାଳୀ ବେହେରା, ବୁଦ୍ଧଦେବ ବାରିକ, ଅନନ୍ତ ଚରଣ ନାଏକ, ସଂଯୁକ୍ତା ସାହୁ, ପ୍ରଶାନ୍ତ କୁମାର ରଥ ପ୍ରମୁଖ ୫୦ ଜଣ କବି ନିଜସ୍ୱ କବିତା ପାଠ କରିଥିଲେ।

### ସାହିତ୍ୟ ସଂସଦର ସାମ୍ବତ୍ସରିକ ବିଷୁବ ମିଳନ ଉତ୍ସବ


ଅତିଥିମାନେ ସଂସଦ ମୁଖପତ୍ର ‘ପାଦଚିହ୍ନ’ ଉନ୍ମୋଚନ କରୁଛନ୍ତି।

